
DHARITRI — 14.7.2012

## ରାଜ୍ୟ ଅର୍ଥ ନିଗମର ୨୫୦୦କୋଟି ଟଙ୍କା ବାକି

# ଟାର୍ଗେଟ ୪୦କୋଟି, ଆଦାୟ ୩୬କୋଟି ୫୫ଲକ୍ଷ

କଟକ ଅଫିସ: ଓଡ଼ିଶା ରାଜ୍ୟ ଅର୍ଥ ନିଗମ (ଓଏସଏଫସି) ଆର୍ଥିକ ସଂକଟ ଦେଇ ଗତି କରୁଛି। ବିଶେଷକରି ଋଣ ପରିଶୋଧ ପାଇଁ ଋଣଗ୍ରହୀତାଙ୍କ ଅନାଗ୍ରହ ନିଗମକୁ ଆର୍ଥିକ ସଂକଟ ମଧ୍ୟକୁ ଟାଣି ଆଣିଛି। ବିଭିନ୍ନ ଶିଳ୍ପସଂସ୍ଥା ଉପରେ ଓଏସଏଫସିର ୨୫ଶହ କୋଟି ଟଙ୍କା ଋଣ (ମୂଳ ଓ ସୁଧ ବାବଦରେ) ବକେୟା ପଡିରହିଛି। ଏପରିସ୍ଥଳେ ଏକକାଳୀନ ଋଣ ପରିଶୋଧ ଯୋଜନା (ଓଟିଏସ-୨୦୦୭) କାର୍ଯ୍ୟକାରୀ କରାଯାଇ ବକେୟା ଅର୍ଥ ଆଦାୟ ଉପରେ ଗୁରୁତ୍ୱ ଦିଆଯାଇଛି। ୨୦୧୧-୧୨ ଆର୍ଥିକ ବର୍ଷରେ ଋଣ ଆଦାୟ ଟାର୍ଗେଟ ୪୦କୋଟି ଟଙ୍କା ରହିଥିଲା। ସେଥିମଧ୍ୟରୁ ୩୬କୋଟି ୫୫ଲକ୍ଷ ଟଙ୍କା ଆଦାୟ କରାଯାଇଥିବା ନିଗମର ମୁଖ୍ୟ କାର୍ଯ୍ୟାଳୟଠାରେ ଶୁକ୍ରବାର ଅନୁଷ୍ଠିତ ୫୫ତମ ବାର୍ଷିକ ସାଧାରଣ ଅଧିବେଶନରେ ଜଣାପଡିଛି। ରାଜ୍ୟରେ କ୍ଷୁଦ୍ରଶିଳ୍ପ ପ୍ରତିଷ୍ଠା ପାଇଁ ୧୯୫୬ ମସିହାଠାରୁ ଅର୍ଥନିଗମ ଋଣ ପ୍ରଦାନ କରୁଛି। ଆଜିପର୍ଯ୍ୟନ୍ତ ନିଗମ ୨୮,୨୧୫ଟି ଶିଳ୍ପାନୁଷ୍ଠାନକୁ ୧୯୨୩.୯୪କୋଟି ଟଙ୍କା ଋଣ ପ୍ରଦାନ କରିଛି। ସେଥିରୁ ୧୩୦୬.୬୮ କୋଟି ଟଙ୍କା ଆଦାୟ କରାଯାଇଛି। ସେହିପରି ଲଘୁଶିଳ୍ପ ବିକାଶ ବ୍ୟାଙ୍କ(ସିଡିବି) ୬୯୧.୦୩କୋଟି ଟଙ୍କା ରିଫାଇନାନ୍ସ ଋଣ ଆକାରରେ ଯୋଗାଇ ଦେଇଛି। ଏହି ରିଫାଇନାନ୍ସ ଋଣ ମଧ୍ୟରୁ ଅର୍ଥ ନିଗମ ସିଡିବିକୁ ୫୭୬.୩୮କୋଟି ଟଙ୍କା ପରିଶୋଧ କରିଥିବା ସ୍ଥଳେ ୧୧୪.୬୫କୋଟି ଟଙ୍କା ବକେୟା ରହିଛି। ବିଭିନ୍ନ କାରଣ ଯୋଗୁ ଋଣଗ୍ରହୀତାମାନେ ଯଥା ସମୟରେ ଋଣ ପରିଶୋଧ ନ କରିବାରୁ ନିଗମ ମଧ୍ୟ ବ୍ୟାଙ୍କକୁ ଚୁକ୍ତି ସମୟରେ ଅର୍ଥ ପରିଶୋଧ କରିପାରି ନ ଥିଲା। ବିଶେଷକରି ଋଣ ପରିଶୋଧ ପାଇଁ ଋଣଗ୍ରହୀତାଙ୍କ 'ଅନାଗ୍ରହ ନିଗମକୁ ଆର୍ଥିକ ସଙ୍କଟ ମଧ୍ୟକୁ ଟାଣିଆଣିଛି। ସେମାନଙ୍କ ବକେୟା ଋଣ ସୁଝିବା ପାଇଁ ଏକକାଳୀନ ଋଣ ପରିଶୋଧ ଯୋଜନା ମାଧ୍ୟମରେ ବାରମ୍ବାର ସୁଯୋଗ ଦିଆଯାଉଛି। ଏହା ସତ୍ତ୍ୱେ ମଧ୍ୟ ସେମାନେ କୌଣସି ଆଗ୍ରହ ପ୍ରକାଶ କରୁନାହାନ୍ତି। ଏଣୁ ସେମାନଙ୍କର ବନ୍ଧକ ଥିବା ସମ୍ପତ୍ତିକୁ ନିୟମାନୁଯାୟୀ ଜବତ କରାଯାଇଛି। ୨୦୧୦-୧୧ରେ ୪୯ଟି ଶିଳ୍ପାନୁଷ୍ଠାନ ସମ୍ପତ୍ତିକୁ ଜବତ କରାଯାଇଛି। ବର୍ତ୍ତମାନ ସମସ୍ତ ଋଣଖାତା ଅଚଳନ୍ତି ପୁଞ୍ଜିଭାବରେ ବିବେଚନା କରାଯାଉଥିବାରୁ ଋଣ ଆଦାୟରେ ଅନେକ ସମସ୍ୟା ଦେଖାଯାଉଛି। ନିଗମର ବନ୍ଧକ ଥିବା ସମ୍ପତ୍ତିକୁ ଜବତ କରି ବିକ୍ରି କରିବାକୁ ବାଧ୍ୟ ହେଉଥିଲେ ମଧ୍ୟ ନାନାଦି ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଏ ସଂକ୍ରାନ୍ତରେ ନିଗମ ରାଜ୍ୟ ସରକାରଙ୍କୁ ଅବଗତ କରାଇଛି। ନିଗମକୁ ଏଭଳି ପରିସ୍ଥିତିରୁ ରକ୍ଷା କରିବା ପାଇଁ ବିଭିନ୍ନ ଯୋଜନା ହାତକୁ ନିଆଯାଇଛି। ନିଗମର ପୂର୍ବ ପ୍ରଚଳିତ ଋଣ ନୀତି ଓ ତତ୍ ସମ୍ବନ୍ଧୀୟ ନିର୍ଦ୍ଦେଶନାମାକୁ ପରିବର୍ତ୍ତନ କରାଯାଇ ସମୟୋପଯୋଗୀ କରାଯାଇଛି। କର୍ମଚାରୀମାନଙ୍କୁ ଆଧୁନିକ ବୈଷୟିକ ଜ୍ଞାନ କୌଶଳ ପ୍ରୟୋଗ କରି ନୂତନ ଋଣ ପ୍ରକଳ୍ପକୁ ସମୀକ୍ଷା କରିବା ପାଇଁ ତାଲିମ ଦିଆଯାଉଛି। ନିଗମର ପରିଚାଳନା ନିର୍ଦ୍ଦେଶକ ବିଜୟ କୁମାର ଘୋଷ କୁହନ୍ତି, ବିଭିନ୍ନ ସମସ୍ୟା ଭିତରେ ମଧ୍ୟ ନିଗମ ୭ବର୍ଷ ଧରି ଲାଭ କରିଆସୁଛି। ଚଳିତ ଆର୍ଥିକ ବର୍ଷରେ ୫୩ଲକ୍ଷ ଟଙ୍କା ଲାଭ କରିବାକୁ ସକ୍ଷମ ହୋଇଛି। ୨୦୧୧ -୧୨ ଆର୍ଥିକ ବର୍ଷରେ ନିଗମ ଧାର୍ଯ୍ୟଲକ୍ଷ୍ୟ ୪୦କୋଟିରୁ ୩୬କୋଟି ୫୫ଲକ୍ଷ ଟଙ୍କା ଋଣଆଦାୟ କରିପାରିଛି।

M K




ସମ୍ବାଦ
ଅତିରିକ୍ତ କଟକ
କଟକ
୧୪ ଜୁଲାଇ ୨୦୧୨

# ରାଜ୍ୟ ଅର୍ଥ ନିଗମର ବାର୍ଷିକ ଅଧିବେଶନ

କଟକ,୧୩।୭(ଇମିସ): ରାଜ୍ୟ ଅର୍ଥ ନିଗମ ୨୦୧୧-୧୨ ଆର୍ଥିକ ବର୍ଷର ଆୟବ୍ୟୟ ଓ ବାର୍ଷିକ ବିବରଣୀ ଧାର୍ଯ୍ୟ ସମୟସୀମା ମଧ୍ୟରେ ଏହାର ୫୫ତମ ବାର୍ଷିକ ଅଧିବେଶନରେ ଉପସ୍ଥାପିତ କରିଛି। ନିଗମର ମୁଖ୍ୟ କାର୍ଯ୍ୟାଳୟରେ ଉପସ୍ଥିତ ଅଂଶୀଦାର ମଣ୍ଡଳୀ ଓ ନିର୍ଦ୍ଦେଶକମାନଙ୍କ ଉପସ୍ଥିତିରେ ଉକ୍ତ ବାର୍ଷିକ ବିବରଣୀ ଗୃହୀତ ହୋଇଛି। ଚଳିତ ଆର୍ଥିକ ବର୍ଷରେ ନିର୍ଦ୍ଧାରିତ ଋଣ ବ୍ୟବସାୟ ଧାର୍ଯ୍ୟ ଲକ୍ଷ୍ୟ ପୂରଣ କରି ପାରି ନଥିଲେ ହେଁ ରାଜ୍ୟ ସରକାର, ସିଡିବି କର୍ତ୍ତୃପକ୍ଷ ତଥା ଅଂଶୀଦାରମାନଙ୍କ ସଦିଚ୍ଛା ଓ ସହଯୋଗରେ ସମ୍ମୁଖୀନ ହେଉଥିବା ପ୍ରତିବନ୍ଧକଗୁଡ଼ିକୁ ସଫଳତାର ସହ ସମାଧାନ କରି ୩୬ କୋଟି ୫୫ଲକ୍ଷ ଟଙ୍କା ଋଣ ଆଦାୟ କରିବା ସହିତ ଧାର୍ଯ୍ୟ ୬୦ କୋଟି ଟଙ୍କାର ନିକଟବର୍ତ୍ତୀ ହୋଇ ପାରିଛି। ନିଗମ ଆରମ୍ଭରୁ ଅଦ୍ୟାବଧି ୧୩୦୬.୬୮ କୋଟି ଋଣ ପ୍ରଦାନ କରି ୧୧୨୩.୯୪ କୋଟି ଟଙ୍କା ଆଦାୟ କରିବାରେ ସକ୍ଷମ ହୋଇଛି। ପ୍ରାୟ ସମସ୍ତ ଋଣ ଖାତା ଅଚଳନ୍ତି ପୁଞ୍ଜି ଭାବେ ବିବେଚନା କରାଯାଇଥିବାରୁ ଋଣ ଆଦାୟରେ ଅନେକ ସମସ୍ୟା ଦେଖାଦେଇଛି। ନିଗମର ବନ୍ଧକ ରହିଥିବା ସମ୍ପତ୍ତିକୁ ଜବତ କରି ବିକ୍ରି କରିବାକୁ ବାଧ୍ୟ ହେଉଥିଲେ ମଧ୍ୟ ନାନାଦି ଅସୁବିଧାର ସମ୍ମୁଖୀନ ହେଉଛି। ଏସବୁ ବିଷୟରେ ନିଗମ ରାଜ୍ୟ ସରକାରଙ୍କୁ ଅବଗତ କରାଇଛି। ଏହା ମଧ୍ୟରେ ଏକକାଳୀନ ଋଣ ପରିଶୋଧ ଯୋଜନା ୨୦୧୧ ଚାଲୁ ରହିଛି ଏବଂ ଋଣ ଗ୍ରହିତାମାନଙ୍କ ଅକ୍ଷମତା ବା ଅନାଗ୍ରହ ନିଗମକୁ ଋଣ ଆଦାୟ କରିବାରେ ବ୍ୟାଘାତ କରାଇଛି। ସିଡିବିର ଋଣ ଯଥା ସମୟରେ ପରିଶୋଧ ନ ହେବାରୁ ସିଡିବି ପୁନଃ ପୁଞ୍ଜି ଲଗାଣ କାର୍ଯ୍ୟକ୍ରମକୁ ସ୍ଥଗିତ ରଖିଛି। ତେଣୁ ନିଗମ ଋଣ ମଞ୍ଜୁର କରି ଋଣ ପ୍ରଦାନ କରିବାରେ ଆଶଙ୍କା ସୃଷ୍ଟି ହୋଇଛି। ତଥାପି ଋଣ ଆଦାୟ ପୁଞ୍ଜିରୁ ଋଣ ପ୍ରଦାନ ବ୍ୟବସ୍ଥା ହୋଇଛି। ନିଗମର ପୂର୍ବ ସଫଳ ଋଣ ଗ୍ରହୀତାମାନେ ବ୍ୟାଙ୍କମାନଙ୍କୁ ଋଣ ନେବାକୁ ପସନ୍ଦ କରୁଥିବାବେଳେ ସେମାନଙ୍କୁ ନିଗମ ଆକୃଷ୍ଟ କରିବାରେ ସମର୍ଥ ହୋଇପାରୁନାହିଁ। ତଥାପି ପ୍ରତିଯୋଗିତାମୂଳକ ବଜାର ସ୍ଥିତିକୁ ଦୃଷ୍ଟିରେ ରଖି ନିଗମର ଶାଖାମାନ ନୂତନ ବ୍ୟବସାୟ ଆରମ୍ଭ ପାଇଁ ପ୍ରସ୍ତୁତି ରହିଛି। ନିଗମ ପୂର୍ବ ପ୍ରଚଳିତ ଋଣ ନୀତି ଓ ତତ୍ ସମ୍ବନ୍ଧୀୟ ନିର୍ଦ୍ଦେଶନାମାକୁ ପରିବର୍ତ୍ତନ କରାଯାଇ ସମୟୋପଯୋଗୀ କରାଯାଇଛି। କର୍ମଚାରୀମାନଙ୍କୁ ଆଧୁନିକ ବୈଷୟିକ ଜ୍ଞାନ କୌଶଳ ପ୍ରୟୋଗ କରି ନୂତନ ଋଣ ପ୍ରକଳ୍ପକୁ ସମୀକ୍ଷା କରିବା ପାଇଁ ତାଲିମ୍ ଦିଆଯାଉଛି। ନିଗମର ବିଭିନ୍ନ ଶାଖା କାର୍ଯ୍ୟାଳୟରେ ଋଣ ଗ୍ରାହକ ସମ୍ମିଳନୀ ଓ କର୍ମଶାଳା ଆୟୋଜନ କରି ଗ୍ରାହକମାନଙ୍କ ଅସୁବିଧା ସମାଧାନ ପାଇଁ କାର୍ଯ୍ୟକ୍ରମ ଗ୍ରହଣ କରିଛି। କ୍ରମାଗତଭାବେ ମାମଲା ମକଦ୍ଦମା ନିଗମର ପ୍ରତିବନ୍ଧକ ହୋଇଛି। ଅନେକ ଋଣଗ୍ରହୀତା ନ୍ୟାୟାଳୟର ଆଶ୍ରୟ ନେଇ ଋଣ ଆଦାୟ ପ୍ରକ୍ରିୟାରେ ବିଳମ୍ବ ସୃଷ୍ଟି କରୁଛନ୍ତି। ନିଗମ ବନ୍ଧକ ରହିଥିବା ଚାଷଜମିକୁ ବିକ୍ରି କରିବାରେ ପ୍ରଚଳିତ ଆଇନ ବ୍ୟବସ୍ଥା ପ୍ରତିବନ୍ଧକ ସାଜୁଛି। ତଥାପି ଅନେକ କ୍ଷେତ୍ରରେ ଜଟିଳ ଋଣ ଖାତାର ଆଶୁ ସମାଧାନ ପାଇଁ ପଦକ୍ଷେପ ଗ୍ରହଣ କରାଯାଉଛି। ଏହା ମଧ୍ୟରେ ନିଗମ କ୍ରମାଗତଭାବେ ୬ବର୍ଷ ଧରି ଲାଭ କରୁଛି ଓ ଚଳିତ ବର୍ଷ ୫୩ ଲକ୍ଷ ଟଙ୍କା ଲାଭ ହୋଇଛି। କର୍ମଚାରୀଙ୍କ ବିଭିନ୍ନ ମୌଳିକ ସମସ୍ୟା ପ୍ରତି ଗୁରୁତ୍ୱ ଦେଇ ସେମାନଙ୍କୁ ପ୍ରୋତ୍ସାହିତ କରାଯାଉଛି। ରାଜ୍ୟ ସରକାରଙ୍କ ଶିଳ୍ପ ବିଭାଗର ବିଭାଜନ ପରେ ନୂଆ କରି ସୃଷ୍ଟି ହୋଇଥିବା ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ ଅଧୀନରେ ଅର୍ଥ ନିଗମର ପୁନରୁଦ୍ଧାର ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯାଉଛି। ଏଥିପାଇଁ ନିଗମ ରାଜ୍ୟ ସରକାରଙ୍କ ପାଖରେ କୃତଜ୍ଞତା ପ୍ରକାଶ କରିଛି। ସମସ୍ତ ଅଂଶୀଦାରଙ୍କ ସହଯୋଗ ରହିଲେ ଆଗାମୀ ଦିନରେ ରାଜ୍ୟରେ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ପ୍ରତିଷ୍ଠା ତ୍ୱରାନ୍ୱିତ ହେବ ବୋଲି ପରିଚାଳନା ନିର୍ଦ୍ଦେଶକ ବିଜୟ କୁମାର ଦାସ ଆଶା ପ୍ରକାଶ କରିଛନ୍ତି।

The Samaja Dt.18.07.2012

# ରାଜ୍ୟ ଅର୍ଥ ନିଗମର ୫୩ଲକ୍ଷ ଟଙ୍କା ଲାଭ ଓ ୩୭ କୋଟି ଋଣ ଆଦାୟ

କଟକସଦର, (ନି.ପ୍ର.)-ରାଜ୍ୟ ଅର୍ଥନିଗମ ୨୦୧୧-୧୨ ଆର୍ଥିକ ବର୍ଷରେ ସମ୍ମୁଖୀନ ହେଉଥିବା ବିଭିନ୍ନ ପ୍ରତିବନ୍ଧକଗୁଡ଼ିକୁ ସଫଳତାର ସହିତ ମୁକାବିଲା କରି ୩୬ କୋଟି ୫୫ଲକ୍ଷ ଟଙ୍କା ଋଣ ଆଦାୟ କରି ଧାର୍ଯ୍ୟଲକ୍ଷ୍ୟ ୪୦କୋଟି ଟଙ୍କାର ନିକଟବର୍ତ୍ତୀ ହୋଇ ପାରିଥିବାବେଳେ ଚଳିତ ଆର୍ଥିକ ବର୍ଷରେ ୫୩ଲକ୍ଷ ଟଙ୍କା ଲାଭ କରିବାକୁ ସକ୍ଷମ ହୋଇଛି । ବିଭିନ୍ନ ବାଧାବିଘ୍ନ ସତ୍ତ୍ୱେ ନିଗମ କ୍ରମାଗତ ଭାବେ ଦୀର୍ଘ ୭ ବର୍ଷ ଧରି ଲାଭ କରି ଆସୁଛି ବୋଲି ଗତ ୧୩ ତାରିଖରେ ଓଏମପ ଛକଠାରେ ଅବସ୍ଥିତ ନିଗମର ମୁଖ୍ୟ କାର୍ଯ୍ୟାଳୟରେ ଆୟୋଜିତ ୫୫ତମ ବାର୍ଷିକ ସାଧାରଣ ଅଧିବେଶନରେ ପରିଚାଳନା ନିର୍ଦ୍ଦେଶକ ବିଜୟକୁମାର ବୋଷଙ୍କ ଦ୍ୱାରା ଉପସ୍ଥାପିତ ବାର୍ଷିକ ବିବରଣୀରେ ପ୍ରକାଶ ପାଇଛି । ଏହି ବାର୍ଷିକ ବିବରଣୀ ଅଧିବେଶନରେ ଉପସ୍ଥିତ ଅଂଶୀଦାର ଓ ନିର୍ଦ୍ଦେଶକମାନଙ୍କ ଉପସ୍ଥିତିରେ ଗୃହୀତ ହୋଇଯାଇଛି । ଅର୍ଥ ନିଗମ ଆରମ୍ଭରୁ ଅଦ୍ୟାବଧି ୧୩୦୬.୬୮ କୋଟି ଟଙ୍କା ଋଣ ପ୍ରଦାନ କରି ୧୧୨୩.୯୪ କୋଟି ଟଙ୍କା ଆଦାୟ କରିବାରେ ସକ୍ଷମ ହୋଇପାରିଛି । ବର୍ତ୍ତମାନ ପ୍ରାୟ ସମସ୍ତ ଋଣ ଖାତା ଅଚଳନ୍ତି ପୁଞ୍ଜି (ଏନ୍.ପି.ଏ) ଭାବରେ ବିବେଚନା କରାଯାଉଥିବାରୁ ଋଣ ଆଦାୟରେ ଅନେକ ସମସ୍ୟା ଦେଖା ଦେଉଛି । ଏହାସତ୍ତ୍ୱେ ଏକକାଳୀନ ଋଣ ପରିଶୋଧ ଯୋଜନା ୨୦୧୧ ଚାଲୁ ରହିଛି । ଋଣ ଗ୍ରହୀତାମାନଙ୍କ ଅକ୍ଷମତା ବା ଅନାଗ୍ରହ ନିଗମକୁ ଋଣ ଆଦାୟରେ ବ୍ୟାଘାତ ସୃଷ୍ଟି କରିଛି । ସିଡିବିର ଋଣ ଯଥା ସମୟରେ ପରିଶୋଧ ନହେବାରୁ ସିଡିବି ପୁନଃ ପୁଞ୍ଜି ଲଗାଣ କାର୍ଯ୍ୟକ୍ରମକୁ ସ୍ଥଗିତ ରଖିଛି । ତଥାପି ଆଦାୟ ହେଉଥିବା ଋଣ ପୁଞ୍ଜିରୁ ଋଣ ପ୍ରଦାନ ପାଇଁ ବ୍ୟବସ୍ଥା ହୋଇଛି । ପ୍ରତିଯୋଗୀତାମୂଳକ ବଜାରସ୍ଥିତିକୁ ଦୃଷ୍ଟିରେ ରଖି ନିଗମର ଶାଖାଗୁଡ଼ିକୁ ନୂତନ ବ୍ୟବସାୟ ଆରମ୍ଭ ପାଇଁ ପ୍ରସ୍ତୁତ କରାଯାଉଛି । ଋଣ ନୀତିକୁ ପରିବର୍ତ୍ତନ କରାଯାଇ ସମୟୋପଯୋଗୀ କରାଯାଇଛି । ନିଗମ ବନ୍ଧକ ରଖିଥିବା ଚାଷଜମିକୁ ବିକ୍ରି କରିବାରେ ପ୍ରଚଳିତ ଆଇନ ବ୍ୟବସ୍ଥା ପ୍ରତିବନ୍ଧକ ସାଜିଛି । ନିଗମର କର୍ମଚାରୀମାନଙ୍କର ବିଭିନ୍ନ ମୌଳିକ ସମସ୍ୟା ପ୍ରତି ଗୁରୁତ୍ୱ ଦେଇ ସେମାନଙ୍କର ନ୍ୟାଯ୍ୟ ପ୍ରାପ୍ୟ ଦେବାକୁ ଚେଷ୍ଟା କରାଯାଉଛି । ନିଗମ ନିଜର ପେସାଦାରୀ ଅଭିଜ୍ଞତାକୁ ପାଥେୟ କରି ଆଗାମୀ ଦିନରେ ରାଜ୍ୟରେ ଅଣୁ, କ୍ଷୁଦ୍ର, ଓ ମଧ୍ୟମ ଶିଳ୍ପ ପ୍ରତିଷ୍ଠା ଦିଗରେ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ଆଶା ପ୍ରକାଶ କରିଛି ।

**ନିଗମର ୫୫ତମ ସାଧାରଣ ଅଧିବେଶନ**